# ସାମାଜିକ ସୁରକ୍ଷା ବିଭାଗ ଅନୁଦାନରୁ ବଞ୍ଚିତ ହେବ ବାଲେଶ୍ୱର !

ବାଲେଶ୍ୱର, ୧୯।୩ (ସମିସ)

ଡିଏଲପିଏସି(ଡିଷ୍ଟ୍ରିକ ଲେବଲ ପ୍ରୋଜେକ୍ଟ ଏପ୍ରାଇଜାଲ କମିଟି) ପାଇଁ ଚିଠି ଆସିବାର ସାତ ଦିନ ମଧ୍ୟରେ କ୍ଷେତ୍ର ପରିଦର୍ଶନର ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଥିଲା। ହେଲେ ଏ ଭିତରେ ପାଞ୍ଚ ମାସ ବିତିଯାଇଥିଲେ ବି ଏଯାଏଁ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନର କ୍ଷେତ୍ର ପରିଦର୍ଶନ ହୋଇ ନ ଥିବା ଜଣାପଡ଼ିଛି। ଗୋଟିଏ ପଟେ ଏଯାଏଁ ରିପୋର୍ଟ ପ୍ରସ୍ତୁତ ହୋଇନଥିବା ବେଳେ ଅନ୍ୟପଟେ ଶେଷ ହେବାକୁ ବସିଲାଣି ଆର୍ଥିକ ବର୍ଷ। ଫଳରେ ବାଲେଶ୍ୱର ଜିଲ୍ଲା ଏବର୍ଷ ପାଇଁ ସାମାଜିକ ସୁରକ୍ଷା ବିଭାଗ ଅନୁଦାନରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ କରାଯାଇଛି।

ସୂଚନାଯୋଗ୍ୟ, କେନ୍ଦ୍ର ତଥା ରାଜ୍ୟ ସରକାର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା କାର୍ଯ୍ୟରେ ପରିଣତ କରିଥାନ୍ତି। ଏଥିପାଇଁ ପ୍ରତିବର୍ଷ ଜିଲ୍ଲାସ୍ତରୀୟ ଏକ ବୈଠକ(ଡିଷ୍ଟ୍ରିକ ଲେବଲ ପ୍ରୋଜେକ୍ଟ ଏପ୍ରାଇଜାଲ କମିଟି ବା ଜିଲ୍ଲା ସ୍ତରୀୟ ପ୍ରକଳ୍ପ ମୂଲ୍ୟାଙ୍କନ କମିଟି) ହୋଇଥାଏ। ସେହିପରି ରାଜ୍ୟ ସରକାର ପତ୍ର ସଂଖ୍ୟା ୬୪୩୨ ତା ୩/୯/୧୬ ରିଖରେ ଏକ ଜିଲ୍ଲା ସ୍ତରୀୟ ଯୋଜନା ଅନୁମୋଦନ କମିଟି ଗଠନ ପାଇଁ ସ୍ଥିରୀକୃତ କରିଥିଲେ। ଜିଲ୍ଲାରେ ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟମାନ ପାଇଁ ବେସରକାରୀ ଅନୁଷ୍ଠାନକୁ ଚୟନ ନିମନ୍ତେ ଏହି କମିଟିର ସୁପାରିସ ରାଜ୍ୟ ସରକାରଙ୍କ ପାଇଁ ଏକ ଆବଶ୍ୟକତା। ଏଥିପାଇଁ ବାଲେଶ୍ୱର ଜିଲ୍ଲାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ନୂତନ ଓ ପୁରାତନ ଯୋଜନାର କାର୍ଯ୍ୟକାରିତା ପାଇଁ ଦରଖାସ୍ତ ଆବେଦନ ପରେ ଜିଲ୍ଲା ପ୍ରଶାସନ ୨୦୨୫ ଅକ୍ଟୋବର ୧୫ ତାରିଖରେ ଏକ ସୂଚନା ଉପସ୍ଥାପନା କରାଇଥିଲେ। ଏହାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଥିବା ଉଚ୍ଚ ପଦାଧିକାରୀଙ୍କ ଦ୍ୱାରା ଆବେଦନକାରୀ ଅନୁଷ୍ଠାନକୁ ତଦନ୍ତ କରି ତଦନ୍ତ ରିପୋର୍ଟ ଉକ୍ତ ମାସ ସାତ ଦିନ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦାଧିକାରୀ କୌଣସି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଦର୍ଶନ କରିନାହାନ୍ତି କିମ୍ବା କରିବା ପାଇଁ କୌଣସି ପଦକ୍ଷେପ ନେଇନଥିବା ଜଣାପଡ଼ିଛି। ଏଥିରୁ ସ୍ପଷ୍ଟ ଯେ ତଦନ୍ତ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଅଧିକାରୀମାନେ ଜିଲ୍ଲାପାଳଙ୍କ ଉକ୍ତ ନିର୍ଦ୍ଦେଶନାମା ହାଲୁକା ଭାବରେ ଗ୍ରହଣ କରିଛନ୍ତି କିମ୍ବା ଜିଲ୍ଲାକୁ ଆସିବାକୁ ଥିବା ଅନୁଦାନ ସାମାଜିକ ସୁରକ୍ଷା ବିଭାଗ ପାଇଁ ଅନାବଶ୍ୟକ ଭାବି ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଯୋଜନା ଅନୁମୋଦନ ସୁପାରିଶ ପତ୍ର ଜିଲ୍ଲାରୁ ରାଜ୍ୟକୁ ପ୍ରେରଣା କରାନଗଲେ ଜିଲ୍ଲା ଏବର୍ଷ ପାଇଁ ଆବଶ୍ୟକ ଥିବା ସାମାଜିକ ସୁରକ୍ଷା ବିଭାଗ ଅନୁଦାନ ହରାଇବାକୁ ବାଧ ହେବ। ଏଥିଯୋଗୁଁ ଜିଲ୍ଲା ପ୍ରଶାସନ ପାଇଁ ଆର୍ଥିକ ଅନୁଦାନ ରାଜ୍ୟ ଠାରୁ ପାଇବାରୁ ବଞ୍ଚିତ ହେବ। ତେବେ ଜିଲ୍ଲାପାଳ ଉକ୍ତ ବିଷୟକୁ ଅନୁଧ୍ୟାନ କରି ଜିଲ୍ଲାସ୍ତରୀୟ ପ୍ରକଳ୍ପ ଅନୁମୋଦନ ସୁପାରିଶ ତୁରନ୍ତ ପ୍ରଦାନ କଲେ ଜିଲ୍ଲା ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରୁ ଅର୍ଥ ହାତଛଡ଼ା କରିବ ନାହିଁ ବୋଲି ମତପ୍ରକାଶ ପାଇଛି।

**ଡିଏଲ୍‌ପିଏସି ପାଇଁ ଜିଲ୍ଲାପାଳ ନଜର ଦେବେ କି**

ପ୍ରକାଶ ଥାଉ କି, ବାଲେଶ୍ୱରର କଲେକ୍ଟରଙ୍କ ଅନୁମୋଦନ କ୍ରମେ ଇଚ୍ଛା ଅନୁଯାୟୀ ଏବଂ ଏହି କାର୍ଯ୍ୟାଳୟର ଚିଠି ସଂଖ୍ୟା ୨୫୦୦/ଏସ୍ ଏସ୍, ୨୦୨୫ ଅକ୍ଟୋବର ୧୫ ତାରିଖ ଅନୁଯାୟୀ, ପାଞ୍ଚ ଜଣ ଅଧିକାରୀ ବାଲେଶ୍ୱର ସବ୍ କଲେକ୍ଟର, ଏଡିଏମ୍ (ରେଭିନ୍ୟୁ), ସିଡିଓ -ଇଓ ଜିଲ୍ଲା ପରିଷଦ, ଆଡିସନାଲ ଇଓ, ଏଡିଏମ୍ (ଜେନେରାଲ)ଙ୍କୁ ଚିଠିରେ ଉଲ୍ଲେଖିତ ଥିବା ୧୨ ଏନଜିଓଗୁଡ଼ିକର କ୍ଷେତ୍ର ଯାଞ୍ଚ କରିବା ନିଯୁକ୍ତି କରାଯାଇଛି। ଚିଠି ପାଇବାର ସାତ ଦିନ ମଧ୍ୟରେ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ଅକ୍ଟୋବରରୁ ମାର୍ଚ୍ଚ ମାସ ହୋଇଗଲା ହେଲେ ଜିଲ୍ଲାରୁ ରାଜ୍ୟକୁ ରିପୋର୍ଟ ଯାଇପାରିଲା ନାହିଁ। କାରଣ ଏଯାଏଁ ସମସ୍ତ ଏନଜିଓର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନାହିଁ। ଏ ବାବଦରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଏସଓ) ପ୍ରତିଭା ବେହେରାଙ୍କୁ ପଚାରିବାରୁ କହିଥିଲେ ଡିଏଲପିଏସି ନେଇ ଅକ୍ଟୋବରରେ ଚିଠି ହୋଇଥିଲା। ଏହାପରେ ଜିଲ୍ଲାପାଳ ସବୁ ପ୍ରକଳ୍ପକୁ ଉଚ୍ଚପଦସ୍ଥ ଅଧିକାରୀଙ୍କ ଭିତରେ ଭାଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ପଠାଇବା ନେଇ ବିଳମ୍ବ ହେବା ପରେ ଗତ ଡିସେମ୍ବର ମାସରେ ଜିଲ୍ଲାପାଳଙ୍କୁ ଅବଗତ କରାଇଲି। ଏ ନେଇ ଏକ ବୈଠକ କରିବା ପାଇଁ ଜିଲ୍ଲାପାଳଙ୍କୁ ମଧ୍ୟ ଅନୁରୋଧ କରିଛି। ଆସନ୍ତା ମାର୍ଚ୍ଚ ୨୫ ତାରିଖ ଭିତରେ ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ଅଧିକାରୀଙ୍କୁ ଜିଲ୍ଲାପାଳ କହିଛନ୍ତି। ଯଦି ରିପୋର୍ଟ ନ ଆସେ ତେବେ ଜିଲ୍ଲାପାଳଙ୍କୁ ଜଣାଇବା ପାଇଁ କହିଛନ୍ତି। ମାର୍ଚ୍ଚ ୨୫ ଭିତରେ ଆମେ ରିପୋର୍ଟ ଦେଲେ ଅର୍ଥ ନିଶ୍ଚୟ ଆସିବ। ଏବେ ସବୁ ଯାଞ୍ଚ ରିପୋର୍ଟ ଆସିନାହିଁ। କେବଳ ଏଡିଏମ ଜେନେରାଲ ତିନୋଟି ଏନଜିଓ ଫିଲଡ୍ ଭେରିଫିକସନ୍ କରିଛନ୍ତି। ତେଣୁ ସବୁ ଯାଞ୍ଚ ହେବା ପରେ ଏକାଥରେ ରିପୋର୍ଟ ରାଜ୍ୟକୁ ପଠାଯିବ।

## କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର




ବାଲେଶ୍ୱର, ୧୯।୩ (ସମିସ): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ଇଂରାଜୀ ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍ସୀ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ଛାତ୍ରୀ ଦିବ୍ୟଶ୍ରୀ ଓ ଆକାଂକ୍ଷା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ଡ. ନାରାୟଣ ସୂରଜିତ ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ 'ଏକ୍ସପ୍ଲୋରିଙ୍ଗ ଦା ନ୍ୟୁ ଟେରେନ୍ସ ଅଫ ଇକୋ-କ୍ରିଟିସିଜିମ୍: କନସେପ୍ଟ, କନଟେକ୍ସଟ ଆଣ୍ଡ କଣ୍ଟେଣ୍ଟ' ଉପରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ତଥା ବିଷୟ ବିଶେଷଜ୍ଞ ଭାବେ ପଶ୍ଚିମବଙ୍ଗ ମେଦିନିପୁରସ୍ଥିତ କେ.ଡି. କଲେଜ ଅଫ କମର୍ସ ଆଣ୍ଡ ଜେନେରାଲ ଷ୍ଟଡିଜର ଇଂରାଜୀ ବିଭାଗ ସହଯୋଗୀ ପ୍ରଫେସର ଡ. ଉତ୍ତମ କୁମାର ଜେନା ଏବଂ ଅନ୍ୟତମ ବକ୍ତା କଟକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ସହକାରୀ ପ୍ରଫେସର ଡ. ରିଣ୍ଟନ କୁଣ୍ଡୁ ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟାନ୍ୟ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଇଂରାଜୀ ଅଧ୍ୟାପକ ଡ. ନୀରୋଜ କୁମାର ସେଠୀ ଓ ଅଧ୍ୟାପିକା ସାଲିନ ସେଠୀ ମଞ୍ଚାସୀନ ଥିଲେ। ଶେଷରେ ଅଧ୍ୟାପକ ଜୟଦେବ ପରମାଣିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଟି ନମ୍ବର ଲଗାଇ ଚଳାଉଥିଲେ ପିକଅପ୍

**● ଧରିଲେ ଆଞ୍ଚଳିକ ପରିବହନ ଅଧିକାରୀ**

ନୀଳଗିରି, ୧୯।୩ (ସମିସ): ସ୍କୁଟି ନମ୍ବର ପ୍ଲେଟ୍ ଲଗାଇ ଚଳାଉଥିଲେ ପିକଅପ୍ ଗାଡ଼ି ଆଉ କାଗଜ ପତ୍ର ଯାଞ୍ଚ ପରେ ଏହି ବଡ଼ ତଥ୍ୟ ଏବେ ସାମ୍ନାକୁ ଆସିଛି। ଆଜି ବାଲେଶ୍ୱର ପରିବହନ ବିଭାଗ ପକ୍ଷରୁ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ଗାଡି କାଗଜ ପତ୍ର ଯାଞ୍ଚ କରିବା ପାଇଁ ଏକ ଟିମ୍ ଆସିଥିଲା। ସେହି ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଏକ ପିକଅପ୍ ଗାଡ଼ି ଯାଉଥିଲା। ଏହି ଗାଡ଼ିର ନମ୍ବରଟିକୁ ଦେଖି ପରିବହନ ବିଭାଗ ଅଧିକାରୀଙ୍କ ମନରେ ସନ୍ଦେହ ହେବାରୁ ଗାଡ଼ି ଟିର ନମ୍ବର୍ ଯାଞ୍ଚ କରିଥିଲେ। ଯାଞ୍ଚ କରିବା ପରେ ଏକ ଆଶ୍ଚର୍ଯ୍ୟ କର ତଥ୍ୟ ମିଳିଥିଲା। ଗାଡ଼ିଟିରେ ଯେଉଁ ନମ୍ବର୍ ଲାଗିଥିଲା ସେ ଏକ ସ୍କୁଟି ନମ୍ବର୍ ବୋଲି ଜଣାପଡ଼ିଥିଲା। ଗାଡିର ମାଲିକ ସ୍କୁଟି ନମ୍ବର ଲଗାଇ ଗାଡ଼ି କାହିଁକି ଚଳାଉଥିଲେ ତାହା ଜାଣିବା ପାଇଁ ଉକ୍ତ ପିକଅପ୍ ଗାଡ଼ିର ଫିଟନେସ ଓ ଇନ୍ସୁରାନ୍ସ ଯାଞ୍ଚ କରିଥିଲେ ଅଧିକାରୀ। ହେଲେ ଗାଡିର କୌଣସି କାଗଜ ପତ୍ର ଠିକ ନଥିବା ଜଣାପଡ଼ିଥିଲା। ପରେ ଗାଡ଼ିଟି କୁ ନୀଳଗିରି ଥାନାକୁ ଅଣାଯାଇ ଜିମା ଦେଇଥିଲେ ପରିବହନ ଜୁନିଅର ଅଧିକାରୀ ଦେବସ୍ମିତା ନାୟକ। ତେବେ ଗାଡ଼ି ମାଲିକ ଟୋଲ ଟାକ୍ସ ଫାଙ୍କିବା କିମ୍ବା କୌଣସି ଚୋରା କାରବାରରେ ଏହାକୁ ବ୍ୟବହାର କରିବା ପାଇଁ ଏମିତି କରିଥାଇ ପାରନ୍ତି ବୋଲି ପରିବହନ ବିଭାଗ ଅନୁମାନ କରୁଛି।




## ଏକଦିବସୀୟ ଏଡ୍‌ସ ନିୟନ୍ତ୍ରଣ ଶିକ୍ଷକ ପ୍ରଶିକ୍ଷଣ ଶିବିର

ବାଲେଶ୍ୱର, ୧୯।୩ (ସମିସ): ଭୁବନେଶ୍ୱର ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତି ଏବଂ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ମିଳିତ ଉଦ୍ୟମରେ ବାଲେଶ୍ୱର ଜିଲ୍ଲାରେ ଉତ୍ତର ଓଡ଼ିଶାସ୍ତରୀୟ ଏଡ଼ସ ନିୟନ୍ତ୍ରଣ ଶିକ୍ଷକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଆତିଥ୍ୟ ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏଡ଼ସ ନିୟନ୍ତ୍ରଣ ସମିତିର ପରିଚାଳିକା ରଶ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ସାତୋଟି ଜିଲ୍ଲା ଯଥା ଯାଜପୁର ୧୦, ଦେଓଗଡ଼ ୩, ଝାରସୁଗୁଡ଼ା ୫, ଭଦ୍ରକ ୭, କେଉଁଝର ୧୩, ମୟୂରଭଞ୍ଜ ୩୮ ଓ ବାଲେଶ୍ୱର ଜିଲ୍ଲାରୁ ୨୪ ଜଣ ଜେଆରସି କାଉନସିଲର ଭାବେ ସର୍ବମୋଟ ୧୦୦ ଜଣ ଭାଗ ନେଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ବସନ୍ତ କୁମାର ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଘଡେଇ ଏବଂ ଜୁନିୟର ରେଡକ୍ରସ ଅଧିକାରୀ ନାରାୟଣ ପାଇକରାୟ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ପ୍ରଫେସର ଡ. ଗଣେଶ୍ୱର ସେଠୀ ଏବଂ ଡ. ଅନୀଲ କୁମାର ବାଗୁଡିଆ ଏଡ଼ସ କଣ, ତାର ଲକ୍ଷଣ, ପ୍ରତିକାର ଏବଂ ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




## କଣ୍ଟିଆଟିକର କଣ୍ଟେଶ୍ୱର ମହାବୀର ମନ୍ଦିରର ବାର୍ଷିକ ଉତ୍ସବ

ନୀଳଗିରି, ୧୯।୩ (ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟିଆଟିକର ଗ୍ରାମରେ ଥିବା କଣ୍ଟେଶ୍ୱର ମହାବୀର ହନୁମାନଙ୍କ ମନ୍ଦିରରେ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଟେଶ୍ୱର ମହାଦେବ ପୋଖରୀରୁ ବ୍ରତୀ ମାନେ ଜଳାଭିଷେକ ପରେ ୧୦୮ କଳସ ଶୋଭା ଯାତ୍ରାରେ ଆସି କଣ୍ଟିଆଟିକର ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ପରେ ପ୍ରଭୁଙ୍କ ନୀତିକାନ୍ତି କରାଯିବା ପରେ ଘଟୋତ୍ତୋଳନ କରାଯାଇଥିଲା। ନାମ ଯଜ୍ଞ, ସହିତ ଭଜନ କୀର୍ତ୍ତନ, ହନୁମାନ ଚାଳିଶା ପାଠ କରାଯାଇଥିଲା। ଆସନ୍ତା ୨୦ତାରିଖରେ ଯଜ୍ଞ ପରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ସଭାପତି କିଶୋର ଚନ୍ଦ୍ର ବେହେରା, ସମ୍ପାଦକ ବିଦ୍ୟାଧର ସ୍ୱାଇଁ, କୋଷାଧ୍ୟକ୍ଷ ସୁଭାଷ ମାହାର୍ଣ୍ଣା, ହରେକୃଷ୍ଣ ବେହେରା, ପ୍ରଦୀପ ମୁଦୁଲି, ସଞ୍ଜୟ ବେହେରା, କାଳନ୍ଦି ବେହେରା, ବାସନ୍ତ ବେହେରା, ବିଶ୍ୱରଞ୍ଜନ ବେହେରା, ବଳରାମ ବେହେରା, ଗଙ୍ଗାଧର ମୁଦୁଲି, ସତ୍ୟାନନ୍ଦ ଜେନା, ମଦନ ମୋହନ ମୁଦୁଲି, ମାନସ କୁମାର ବେହେରା, ଅମୁଲ୍ୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଜଳେଶ୍ୱରରେ ରାଷ୍ଟ୍ରୀୟ ନବ ବର୍ଷ

ଜଳେଶ୍ୱର, ୧୯ । ୩ (ସମିସ): ଚୈତ୍ର ଶୁକ୍ଳ ପ୍ରତିପଦା ଦିବସକୁ ହିନ୍ଦୁ ରାଷ୍ଟ୍ରୀୟ ନବ ବର୍ଷ ଭାବେ ସାରା ଦେଶରେ ପାଳନ କରାଯାଉଥିବା ବେଳେ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ପୂର୍ବତନ ଅଧ୍ୟକ୍ଷ ଜତାରାମ ଦେ, ପୂର୍ବତନ ବି.ଆର.ସି.ସି କପିଳେଶ୍ୱର ମହାନ୍ତି, ବିଦ୍ୟାଳୟର ପୂର୍ବତନ ସଭାପତି ଗୌରୀଶଙ୍କର ଦାସ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ପ୍ରଚାରକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ନୂଆ ବଜାର ଇଣ୍ଡୋର ଷ୍ଟାଡିୟମ ନିକଟରେ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ସମିତି ପକ୍ଷରୁ ନବବର୍ଷ ପାଳନ କରାଯାଇଛି। ଅପରାହ୍ନରେ ଏକ ଶୋଭାଯାତ୍ରା ଜଳେଶ୍ୱର ବଡ ବଜାର ନିକଟରୁ ବାହାରି ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତିର ସଦସ୍ୟ ତଥା ବିଜେପି ଯୁବ ସଙ୍ଗଠକ ନେତା ରାଜେଶ ଖଟୁଆ, ସମୀର ପାତ୍ର, ସମର କରଣ, ସମୀର ଘୋଷ, ଅନନ୍ତ ଦାସ, ବିଜେପି ନେତ୍ରୀ ବିନ୍ଦୁମତି ଗିରି, ମଳୟ ଦାସ, ଦେବଜାନୀ ଅଣ୍ଡିଆ ପ୍ରମୁଖ ପରିଚାଳନା କରିଥିଲେ।



## ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା

ବାଲେଶ୍ୱର, ୧୯।୩ (ସମିସ): ଜିଲ୍ଲା ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ଏବଂ 'ଭରସା'ର ମିଳିତ ସହଯୋଗରେ ସ୍ଥାନୀୟ ବାଲେଶ୍ୱର ମହିଳା କଲେଜରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ମେ ଆଇ ହେଲ୍ପ ୟୁ' ସମ୍ପାଦକ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଯୋଗ ଦେଇ ଉପଭୋକ୍ତା ଦ୍ରବ୍ୟ କିଣିବା ବେଳେ ଏହାର ମାନ, ଓଜନ ଓ ଗୁଣବତ୍ତା ସମ୍ପର୍କରେ ସଚେତନତା ହେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଓଜନ ମାପ ଓ ବୈଧ ନିୟନ୍ତ୍ରକ ସମ୍ବିତ କୁମାର ଦାସ, ପ୍ରବର୍ତ୍ତନ ଅଧିକାରୀ ଶୁଭେନ୍ଦୁ ଲେଙ୍କା, ମହିଳା କଲେଜ ଅଧ୍ୟକ୍ଷ ଡ଼.ଉମାକାନ୍ତ ନାୟକ ଓ 'ଭରସା'ର ସମ୍ପାଦକ ଯାଦବେଶ ମିଶ୍ର ପ୍ରମୁଖ ଉପଭୋକ୍ତା ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ।




## ୩୬ ଗୋରୁ ଉଦ୍ଧାର, ୭ ବେପାରୀ ଗିରଫ

ଜଳେଶ୍ୱର, ୧୯।୩ (ସମିସ): ପଶ୍ଚିମବଙ୍ଗକୁ ଗୋ ଚାଲାଣ ବେଳେ ଜଳେଶ୍ୱର ଗୋ-ରକ୍ଷକ ମାନଙ୍କ ଦ୍ୱାରା ୩୬ଟି ଗୋରୁ ଉଦ୍ଧାର ସହ ୭ଜଣ ବେପାରୀ ଗିରଫ ହୋଇଛନ୍ତି। ଗତ ରାତ୍ରିରେ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ୩୬ଟି ଗୋରୁକୁ ଚଲାଇ ଚଲାଇ ଜଳେଶ୍ୱର ସୁନାକଣିଆ ରାସ୍ତାରେ ଗୋ ବେପାରୀମାନେ ନେଇଯାଉଥିବା ସୂଚନା ପାଇ ଜଳେଶ୍ୱର ବିଜେପି ଯୁବ ନେତା ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗୋ-ରକ୍ଷକ ମାନଙ୍କ ଦ୍ୱାରା ଧରା ପଡ଼ିଥିଲେ। ୩୬ଟି ଗୋରୁକୁ ଉଦ୍ଧାର କରିବା ସହିତ ୭ଜଣ ଗୋ ଚାଲାଣକାରୀଙ୍କୁ ଅଟକ ରଖି ପୁଲିସ ଜିମା ଦେଇଥିଲେ। ଜଳେଶ୍ୱର ପୁଲିସ ମାମଲା ରୁଜୁ କରିବା ସହିତ ୭ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଉଦ୍ଧାର ଗୋରୁ ଗୁଡିକୁ ବାଲେଶ୍ୱରସ୍ଥିତ ଗୋ ଶାଳାକୁ ହସ୍ତାନ୍ତର କରାଯାଇଛି।

## ନଦୀକୁ ମାଛ ଧରିବାକୁ ଯାଇ ବୃଦ୍ଧ ମୃତ

ରାଜଘାଟ, ୧୯।୩ (ସମିସ): ନଦୀରୁ ମାଛ ଧରିବାକୁ ଯାଇ ଗତକାଲିଠାରୁ ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସାହାଡା ଗ୍ରାମର ଲକ୍ଷ୍ମୀଧର ସାହୁ। ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାହାଡା ଗ୍ରାମର ଲକ୍ଷ୍ମୀଧର ସାହୁ ଗତକାଲି ସକାଳେ ନିକଟସ୍ଥ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ତାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଲକ୍ଷ୍ମୀଧରଙ୍କ କୌଣସି ସନ୍ଧାନ ମିଳି ନଥିଲା। ଆଜି ସକାଳେ ନଦୀରେ ମୃତଦେହ ଭାସୁଥିବାର ଦେଖି ସ୍ଥାନୀୟ ଲୋକ ସିଂଲା ପୁଲିସ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଲିସ ଏବଂ ବସ୍ତା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

## ବର୍ଷେ ବିତିଲା, ଜଳିଲାନି ହାଇମାଷ୍ଟ ଲାଇଟ୍

ନୀଳଗିରି, ୧୯।୩(ସମିସ): ନୀଳଗିରି ଦୁର୍ଗା ମଣ୍ଡପ ନିକଟରେ ଆଲୋକୀକରଣ ପାଇଁ ନୀଳଗିରି ପୂର୍ତ୍ତ ବିଭାଗ ପକ୍ଷରୁ ଫାଉଣ୍ଡେସନ ଖୋଳା ଯାଇଥିବା ବେଳେ ଲାଇଟ୍ ପୋଷ୍ଟ ବେସ୍ ପକା ଯାଇଥିଲା। ପ୍ରାୟ ୪ମାସ ପରେ ଲାଇଟ୍ ଖୁମ୍ବ ଲାଗିଗଲା। ଫେର ବିତିଗଲା ୪ ମାସ। ଖୁମ୍ବରେ ଅଗ୍ରଭାଗରେ ଲାଗିଲା ଲାଇଟ୍। ଏଥର ଆଲୁଅ ଜଳିବ ବୋଲି ସମସ୍ତେ ଜାଣିଥିଲେ। ମାତ୍ର ଏଯାବତ୍ ଆଲୁଅ ଜଳିଲା ନାହିଁ। ଖୁମ୍ବ ମୂଳରେ ପାଣି ଠିଆ ହୋଇଥିବା ବେଳେ ମଶାଙ୍କର ପାଲଟିଛି ବାସସ୍ଥଳୀ। କିଏ ବସାଉଛି ଲାଇଟ୍, କିଏ କରୁଛି କାମ, ବର୍ଷେ ପରେ ବି ଜଳିଲାନୀ ଲାଇଟ୍, ଏଥିପାଇଁ ପୂର୍ତ୍ତ ବିଭାଗ ନା ଏନ୍ଏସି କର୍ତ୍ତୃପକ୍ଷ କାଦୁଅ ଫିଙ୍ଗା ଫିଙ୍ଗି ହେଉଥିବା ବେଳେ କେବେ ମଶା ଦାଉରୁ ଲୋକେ ରକ୍ଷା ପାଇବେ, କେବେ ଜଳିବ ହାଇ ମାଷ୍ଟ ଲାଇଟ୍ ଚାତକ ପରି ଅନାଇଛନ୍ତି ସହରବାସୀ।



## ହନୁମାନ ମନ୍ଦିର ବାର୍ଷିକ ଉତ୍ସବ ପ୍ରସ୍ତୁତି




ଜଳେଶ୍ୱର, ୧୯।୩ (ସମିସ): ଜଳେଶ୍ୱର ଅନ୍ତର୍ଗତ ନେତୁଆ ଗ୍ରାମ ପଞ୍ଚାୟତର କମାରଶାଳିଆ ଶ୍ରୀହନୁମାନ ଜୀଉ ମନ୍ଦିର ନିକଟରେ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଆଇନଜୀବୀ ପ୍ରବୀର କୁମାର ରାଉଳ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ମନ୍ଦିରର ମୁଖ୍ୟ ପୁରୋଧା ଶିକ୍ଷକ ରଣଜିତ କୁମାର ହୁଇ ଯୋଗଦେଇ କହିଥିଲେ ଯେ ଏବର୍ଷ ଚାରିଦିନ ବ୍ୟାପି ସମସ୍ତ କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରାଯିବ। ଏଥିରେ ମନ୍ଦିରର ଉପଦେଷ୍ଟା କମିଟି ସଭ୍ୟ କିରଣ କୁମାର ଦାସ, ଦିଲ୍ଲୀପ ରାଉଳ, ଆଶୁତୋଷ ଗିରି, ବସନ୍ତ ପରିଡ଼ା, ଅନନ୍ତ ପରିଡ଼ା, ରବୀନ୍ଦ୍ର ସେଣ, ଲଛମିନି ରାଉଳ, ଚୈତନ୍ୟ ରାଉଳ, ସୁଶାନ୍ତ ସିଂହ, ରାମକୃଷ୍ଣ ଶତପଥୀ, ଗୋପାଳ ହୁଇ, ଅଜୟ ହୁଇ, ଅଧିର କର, ମମତା ରାଣୀ ହୁଇ, ଉତ୍ତମ ରାଉଳ, ଅବନୀ କାନ୍ତ ପ୍ରାମାଣିକ, ରାମହରି ପ୍ରାମାଣିକ, ଅଧ୍ୟାପକ ଅରୁଣ ରାଉଳ, ସିଦ୍ଧେଶ୍ୱର ଦାସ, ନବୀନ ହୁଇ, କାହ୍ନୁ ଚରଣ ହୁଇ, ବାଲେଶ୍ୱର ଲୋକ ମହୋତ୍ସବର ଆୟୋଜ ତଥା ସଭାପତି ବିଶ୍ୱଜିତ ପ୍ରାମାଣିକ ଯୋଗଦେଇ ଆଲୋଚନା କରିଥିଲେ। ସାମ୍ବାଦିକ ବରୁଣ ହୁଇ ଧନ୍ୟବାଦ ଦେଇଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

ଜଳେଶ୍ୱର ବ୍ଲକ, ୧୯।୩ (ସମିସ)

ବିଜେପି ଓଡ଼ିଶାର ଅଗଣିତ ଚାଷୀମାନଙ୍କୁ ଧାନର ସର୍ବନିମ୍ନ ମୂଲ୍ୟରେ ୮ ଶହ ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେଇ ସରକାରକୁ ଆସିଛନ୍ତି। ଚାଷୀ ମାନେ ଭାରି ଖୁସି ଥିଲେ କି ସେମାନେ ସେମାନଙ୍କର ଅମଳ ହୋଇଥିବା ଧାନ ଖୋଲା ବଜାରରେ କମ୍ ମୂଲ୍ୟରେ ବିକ୍ରି ନ କରି ସରକାରୀ ମଣ୍ଡିରେ ଧାନ ବିକ୍ରି କରି ଭଲ ଦୁଇ ପଇସା ଉପାର୍ଜନ କରିବାର ଆଶା ନେଇ ପଞ୍ଜୀକୃତ କରି ଟୋକନ ମଧ୍ୟ ପାଇଥିଲେ। ହେଲେ ଟୋକନର ଅବଧି ଶେଷ ହୋଇ ଥିଲେ ମଣ୍ଡିରୁ ଉଠିନି ଧାନ। ଯାହାକୁ ନେଇ ରାଜ୍ୟରେ ବିଭିନ୍ନ ପ୍ରାନ୍ତରୁ ଆସୁଛି ସମାନ ଦୃଶ୍ୟ। ଠିକ୍ ସେହିପରି ଜଳେଶ୍ୱର ବ୍ଲକର ରାଜନଗରର ପାଟଣା ସମବାୟ ସମିତିରେ ମୋଟ ୪୬୪ ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବା ସତ୍ତ୍ୱେ ବାରମ୍ବାର ଆନ୍ଦୋଳନ, ଧାରଣା ଦେବା ପରେ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କର ପ୍ରତିଶ୍ରୁତି ପରେ ୧୪୭ ଜଣ ଚାଷୀଙ୍କ ହୋଇ ପାରିଲା ନାହିଁ ଧାନ କିଣା। ଏ ନେଇ ଚାଷୀ ମାନେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀ ମାନଙ୍କୁ ଅବଗତି କରାଇ ଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବାରୁ ଆଜି ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ତାଙ୍କର ହକ୍ ପାଇଁ ଗର୍ଜିଥିଲେ। ଆସନ୍ତାକାଲି ପୁଣି ରାଜପୁର ଜଳେଶ୍ୱର ଓଟି ରୋଡ଼ରେ ଧାନ ରଖି ନିଜର ହକ୍ ପାଇଁ ଆନ୍ଦୋଳନ କରିବେ ବୋଲି କହିଥିଲେ ଚାଷୀ କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନାରାୟଣ ମିଶ୍ର, ରାମଚନ୍ଦ୍ର ପାତ୍ର, ଶ୍ରୀକାନ୍ତ ଭୂୟାଁ, ହରିଶ ଚନ୍ଦ୍ର ଭୂୟାଁ, ଦୁର୍ଗା ଶଙ୍କର ଭୂୟାଁ, ମଧୁସୂଦନ ଦାସ, ରାଧାଶ୍ୟାମ ସାହୁ ଚେତାବନୀ ଦେଇଛନ୍ତି।



ଏକାଦଶାହ ଶ୍ରଦ୍ଧାଞ୍ଜଳି



୰ ପଦ୍ମନାଭ ଖାଡଙ୍ଗା
ଆର୍ବିଭାବ : ୧୫.୦୪.୧୯୫୨
ତିରୋଧାନ : ୧୦.୦୩.୨୬
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକ ସନ୍ତପ୍ତ : ପୁଅ- ଅରୁଣ, ପୁତୁରା ଦିଲୁ, ଅଭିଜିତ,ସାନଭାଇ ପରମାନନ୍ଦ ପର୍ଶୁରାମ, ପବିତ୍ର, ଜ୍ୱାଇଁ - ରତନ,ଝିଅ ପ୍ରିୟଦର୍ଶିନି ଓ ଝିଆରୀ, ଆତ୍ମୀୟସ୍ୱଜନ
ସା- କୋକୋସିଂହ, ପୋ - କୁଞ୍ଜରୀ, ଥାନା - ଖୋର୍ଦ୍ଧା ସଦର, ପିନ୍ -୭୫୨୦୫୭, ଜି - ଖୋର୍ଦ୍ଧା , ବ୍ଲକ -ବେଗୁନିଆ

